କେରଳ ରାଜ୍ୟ

ବନାମ

ସୁରେଶ୍ ଓରଫ୍ ସୁଭାଶ୍ ଏବଂ ଅନ୍ୟମାନେ ।

(ଅପରାଧିକ ଆବେଦନ ସଂଖ୍ୟା 1207/2004)

ଏପ୍ରିଲ 1,2009

**[ଡକ୍ଟର ଅରିଜିତ୍ ପଶାୟତ, ଡି. କେ. ଜୈନ ଏବଂ ଡକ୍ଟର ମୁକୁନ୍ଦକମ୍ ଶର୍ମା ନ୍ୟାୟାଧୀଶବୃନ୍ଦ]**

ପିଙ୍ଗଳ ସଂହିତା, 1860 – ଧାରା 143, 147, 148, 109, 449 ଏବଂ 302 ସହିତ ପଠିତ ଧାରା 149- ଅଭିଯୋଜନ-ଦଣ୍ଡାଧିକାରୀଙ୍କ ନିକଟରେ ପହଞ୍ଚିଥିବା FIR ସମ୍ବନ୍ଧୀୟ ଅବ୍ୟକ୍ତ ବିଳମ୍ବ ଏବଂ PW 1 ଦ୍ୱାରା ଦିଆଯାଇଥିବା ରିପୋର୍ଟର ପ୍ରାମାଣିକତା ଉପରେ ସନ୍ଦେହ ଆଧାରରେ ଅଧସ୍ତନ ନ୍ୟାୟାଳୟଗୁଡ଼ିକ ଦ୍ୱାରା ଦୋଷମୁକ୍ତି - ଆବେଦନ ଉପରେ, ରାୟ ଦିଆଗଲା ଯେ: ଅଭିଯୋଜନ ପକ୍ଷଙ୍କ ପ୍ରମାଣ ସ୍ୱଷ୍ଟ ଏବଂ ବିଶ୍ୱସନୀୟ ନୁହେଁ ବୋଲି ଅବଗତ ହେବା ପାଇଁ ପ୍ରମାଣର ଉପଯୁକ୍ତ ଏବଂ ବିସ୍ତୃତ ବିଶ୍ଳେଷଣ ପରେ ଦୋଷମୁକ୍ତ ହେବାର ଆଦେଶ ପାରିତ କରାଯାଇଥିଲା - ଦୋଷମୁକ୍ତି ହେବାର ଆଦେଶ ସୁନିଶ୍ଚିତ ହୋଇଥିଲା ।

ଫୌଜଦାରୀ ଅପିଲୀୟ ଅଧିକରିତା :2004 ର ଫୌଜଦାରୀ ଅପିଲ ସଂଖ୍ୟା 1207 ।

Crl. A. ସଂଖ୍ୟା 559/2002B ରେ ଏର୍ଣ୍ଣାକୁଲମସ୍ଥିତ କେରଳ ଉଚ୍ଚ ନ୍ୟାୟାଳୟଙ୍କର 20.01.2004 ତାରିଖର ରାୟ ଏବଂ ଆଦେଶରୁ ଏହି ଆବେଦନ ।

ଅପିଲକାରୀ ପାଇଁ ଏମ୍. ଟି. ଜର୍ଜ ।

ଉତ୍ତରଦାତାଙ୍କ ପାଇଁ ନିଶେ ରାଜେନ୍ ଶଙ୍କର୍, ବିନୋଦ ପି. ଭି., କେ. ପି. ସାଜିତ୍, ଜୟନ୍ତ ମୁଥୁରାଜ୍ ଏବଂ ସାଜିତ୍ ପି. ୱାରିଅର୍ ।

ନ୍ୟାୟାଳୟଙ୍କ ରାୟ ପ୍ରଦାନ କରାଗଲା

**ନ୍ୟାୟାଧୀଶ ଡ. ଅରିଜିତ ପଶାୟତ**, 1.ପକ୍ଷମାନଙ୍କ ପାଇଁ ବିଜ୍ଞ ଅଧିବକ୍ତାଙ୍କୁ ଶୁଣିଲୁ ।

2. କେରଳ ଉଚ୍ଚ ନ୍ୟାୟାଳୟ ଏକ ଆକ୍ଷେପିତ ଆଦେଶ ଦ୍ୱାରା ପଠାନମଥିଟ୍ଟାର ଅତିରିକ୍ତ ଦୌରା ନ୍ୟାୟାଧୀଶ ନ୍ୟାୟାଳୟରେ ବିଚାରର ସମ୍ମୁଖୀନ ହୋଇଥିବା ପାଞ୍ଚ ଜଣ ଅଭିଯୁକ୍ତଙ୍କ ଦୋଷ

ମୁକ୍ତି କରିବା ଉପରେ  ପ୍ରଶ୍ନ କରି ରାଜ୍ୟ ଦ୍ୱାରା ଦାୟର ଆବେଦନକୁ ଖାରଜ କରିଦେଇଥିଲେ । ବିଚାର କରୁଥିବା ନ୍ୟାୟାଳୟ ସେମାନଙ୍କୁ ଭାରତୀୟ ପିଙ୍ଗଳ ସଂହିତା, 1860 (ସଂକ୍ଷେପରେ 'IPC') ର ଧାରା 143,147,148,109,449 ଏବଂ 302 ସହିତ ପଠିତ ଧାରା 149  ଅଭିଯୋଗରୁ ଦୋଷମୁକ୍ତି କରିଥିଲେ ।

ସମ୍ପୃକ୍ତ ଦଣ୍ଡାଧିକାରୀଙ୍କ ନିକଟରେ FIR  ପହଞ୍ଚିବା ସଂକ୍ରାନ୍ତରେ ଅବ୍ୟକ୍ତ ବିଳମ୍ବ ହେଉଛି ମୂଳ କାରଣ ଯାହା ବିଚାର କରୁଥିବା ନ୍ୟାୟାଳୟଙ୍କୁ ଦୋଷ ମୁକ୍ତି କରିବା ପାଇଁ ଗୁରୁତ୍ୱ ଦେଇଥିଲା । ଏହା ସହିତ PWI ଦ୍ୱାରା ଦିଆଯାଇଥିବା ରିପୋର୍ଟର ପ୍ରାମାଣିକତା ସନ୍ଦେହଜନକ ଥିଲା । ଉଚ୍ଚ ନ୍ୟାୟାଳୟ ଜାଣିବାକୁ ପାଇଲେ ଯେ PWIର ସାକ୍ଷ୍ୟ ପ୍ରମାଣ ବିଶ୍ୱାସଯୋଗ୍ୟ ନୁହେଁ । Ex.P1 ର ପ୍ରାମାଣିକତା ଏବଂ ଦଣ୍ଡାଧିକାରୀଙ୍କ ନ୍ୟାୟାଳୟରେ FIR ପହଞ୍ଚିବାରେ ଅବ୍ୟକ୍ତ ବିଳମ୍ବ ବିଷୟରେ ସନ୍ଦେହ ଥିଲା । ଉପରୋକ୍ତ କାରଣଗୁଡ଼ିକ ଯୋଗୁଁ ଉଚ୍ଚ ନ୍ୟାୟାଳୟ ଜାଣିବାକୁ ପାଇଲେ ଯେ କୌଣସି ହସ୍ତକ୍ଷେପର ସୁଯୋଗ ନାହିଁ । ଅପିଲକାରୀଙ୍କ ପାଇଁ ବିଜ୍ଞ ଅଧିବକ୍ତା ଉପସ୍ଥାପନ କରିଥିଲେ ଯେ PWI ଜଣେ ଆହତ ସାକ୍ଷୀ ଥିଲେ ଏବଂ କେବଳ ତଦନ୍ତ ସଠିକ୍ ପ୍ରଣାଳୀରେ କରାଯାଇ ନଥିବାରୁ ଦୋଷ ମୁକ୍ତି ହେବାର ନିର୍ଦ୍ଦେଶ ଦିଆଯିବା ଉଚିତ୍ ନୁହେଁ । ଉତ୍ତରଦାତାଙ୍କ ପାଇଁ ବିଜ୍ଞ ଓକିଲ ରାୟକୁ ସମର୍ଥନ କରିଥିଲେ ।

ଆମେ ଜାଣିବାକୁ ପାଇଲୁ ଯେ ଉଭୟ ବିଚାର କରୁଥିବା ନ୍ୟାୟାଳୟ ଏବଂ ଉଚ୍ଚ ନ୍ୟାୟାଳୟ ଅଭିଯୋଜନ ପକ୍ଷର ବିବରଣକୁ ଯୁକ୍ତିଯୁକ୍ତ ଏବଂ ବିଶ୍ୱସନୀୟ ନୁହେଁ ବୋଲି ଜାଣିବା ପାଇଁ ପ୍ରମାଣକୁ ବହୁତ ବିସ୍ତୃତ ଭାବରେ ବିଶ୍ଳେଷଣ କରିଛନ୍ତି । PWI ଅନୁଯାୟୀ ସେ 6.9.1996 ଦିନ 2.30 A.M. ରେ ASI PW17 ସମ୍ମୁଖରେ Ext. P1 FIR ଦେଇଥିଲେ । PW17 ଅନୁଯାୟୀ ସେ 6.9.1996 ଦିନ 3.00 A.M. ରେ ରେକର୍ଡ କରିଥିଲେ । କିନ୍ତୁ Ext. P1 7.9.1996 ଦିନ 10.30 A.M. ରେ ଲାଜ୍ ଦଣ୍ଡାଧିକାରୀଙ୍କ ନିକଟରେ ପହଞ୍ଚିଥିଲା । ଅନୁସନ୍ଧାନକାରୀ ଅଧିକାରୀ ବିଳମ୍ବ ବିଷୟରେ ବ୍ୟାଖ୍ୟା କରିନାହାଁନ୍ତି । ଆହୁରି ମଧ୍ୟ ବିଚାର କରୁଥିବା ନ୍ୟାୟାଳୟ ଗୁରୁତର ଚିକିତ୍ସା କକ୍ଷରେ ଥିବା ସମୟରେ ଏକ ଲମ୍ବା ରିପୋର୍ଟ (Ext. P1) ଦେବା ପାଇଁ ସ୍ୱାଭାବିକ ଭାବରେ ଅସମ୍ଭବ ବୋଲି ଦର୍ଶାଇଥିଲେ । ଏହି ଘଟଣାଟି 5.9.1996 ରାତି 8.15 P.M. ରେ ଘଟିଥିଲା ବୋଲି କୁହାଯାଇଛି । PW5 ଅନୁଯାୟୀ, ସେ ରାତି 9.30 P.M. ରେ ଆହତ ଏବଂ ମୃତକଙ୍କୁ ପରୀକ୍ଷା କରିଥିଲେ । ଯଦି

ତାହା ସତ, ତେବେ 6.9.1996 ରେ ରାତି 2.30 ସମୟରେ FIR କିପରି ଦାଖଲ ହେଲା ତାହା ବ୍ୟାଖ୍ୟା କରାଯାଇ ନାହିଁ । ତେଣୁ, ଆମେ ଏହି ଅପିଲରେ ହସ୍ତକ୍ଷେପ କରିବାର କୌଣସି ସୁଯୋଗ ପାଇନାହୁଁ ଯାହାକୁ ତଦାନୁସାରେ ଖାରଜ କରାଗଲା ।

KKT ଅପିଲକୁ ଖାରଜ କରାଗଲା ।

## ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***

ରାମଚନ୍ଦ୍ର ସାହୁ

ଅନୁବାଦକ

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।